ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୨୪

ବୁଲେଟିନ ନମ୍ବର :୪୮
ତାରିଖ : ୧୭.୦୬.୨୦୨୫
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୧.୦୬.୨୦୨୫ ରୁ ୧୭.୦୬.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୩୬.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୩୩.୦-୩୬.୬ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୫.୩-୨୭.୦ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୨.୦୬.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 18-06-2025 | 30 | 33 | 25 | 7 | 92 | 75 | 8 | 257 |
| 19-06-2025 | 25 | 32 | 26 | 8 | 91 | 77 | 8 | 262 |
| 20-06-2025 | 20 | 32 | 26 | 7 | 82 | 63 | 10 | 259 |
| 21-06-2025 | 9 | 34 | 27 | 6 | 83 | 60 | 6 | 267 |
| 22-06-2025 | 7 | 34 | 27 | 6 | 77 | 56 | 8 | 288 |

### ଆଗାମୀ ୫ ଦିନର ପାଣିପାଗ ସୂଚନା:

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ସାଧାରଣତଃ ମେଘୁଆ ରୁ ମେଘାଛନ୍ନ ରହିବ । ଆଗାମୀ ୫ଦିନ ପବନ ୦୮-୧୦ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୨-୩୪ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୫-୨୭ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୭ ରୁ ୯୨ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୬-୭୭ ପ୍ରତିଶତ ମଧ୍ୟରେ ରହିବ ।

**ହଳଦିଆ ଚେତାବନୀ :** ୧୮ ଓ ୧୯ ତାରିଖ ଢେଙ୍କାନାଳ ଜିଲ୍ଲା ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ୩୦-୪୦କିମି ଝଟକା ପବନ ଓ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

### ଆଗାମୀ ସପ୍ତାହ ପାଇଁ ବିସ୍ତୃତ ପାଣିପାଗ ସୂଚନା:

ପ୍ରଥମ ସପ୍ତାହ: (୧୩ଜୁନ ରୁ ୧୯ଜୁନ ୨୦୨୫)
ଓଡିଶାରେ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି । ଓଡିଶାର ପ୍ରାୟ ସମସ୍ତ ଜିଲ୍ଲା ମାନଙ୍କରେ ସର୍ବାଧିକ ତାପମାତ୍ରା ୩୦-୩୪ ଡି.ସେ. ମଧ୍ୟରେ ରହିବ ଓ ପଶ୍ଚିମ ଓଡିଶା ଜିଲ୍ଲା ମାନଙ୍କରେ ୩୪-୩୬ ଡି.ସେ. ମଧ୍ୟରେ ରହିବ ।
ଦ୍ୱିତୀୟ ସପ୍ତାହ: (୨୦ଜୁନ ରୁ ୨୬ଜୁନ ୨୦୨୫)
ଓଡିଶାରେ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି । ଓଡିଶାର ପ୍ରାୟ ସମସ୍ତ ଜିଲ୍ଲା ମାନଙ୍କରେ ସର୍ବାଧିକ ତାପମାତ୍ରା ୩୦-୩୨ ଡି.ସେ. ମଧ୍ୟରେ ରହିବ ।

## କୃଷି ସୂଚନ

### ସାଧାରଣ ଉପଦେଶ

- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡିଶାରେ ପ୍ରବେଶ କରି ସାରିଛି, ଚାଷୀ ଭାଇ ମାନେ ମାଟିର ଆର୍ଦ୍ରତାକୁ ବିନିଯୋଗ କରି ଖରିଫ ଫସଲ ପାଇଁ ଜମି ପ୍ରସ୍ତୁତି ଯଥା ଶୀଘ୍ର ଶେଷ କରି ଦିଅନ୍ତୁ ।
- ବର୍ତ୍ତମାନ ବାୟୁ ମଣ୍ଡଳ ଅଧିକ ଆର୍ଦ୍ରତା ଓ ମେଘୁଆ ରହୁ ଥିବାରୁ ପନିପରିବା ଫସଲରେ ବିଭିନ୍ନ ରୋଗ ପୋକ ଲାଗିବାର ସମ୍ଭାବନା ଅଛି । ଫସଲ ସର୍ବେକ୍ଷଣ କରି ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ।
- ଆଗକୁ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଥିବାରୁ ଖରିଫ ବୁଣାବୁଣି, ଫସଲରେ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।
- ବର୍ତ୍ତମାନ ଖରିଫ ଫସଲ ଯଥା- ଧାନ, ମକା, ମଣ୍ଡିଆ, ହରଡ, ରାଶି ଆଦି ବୁଣାବୁଣି ପାଇଁ ପ୍ରାମାଣିକ ମଞ୍ଜି ସଂଗ୍ରହ କରନ୍ତୁ ।

❖ ବର୍ଷା ଦିନିଆ ପନିପରିବା ଯଥା-ଭେଣ୍ଡି, ବାଇଗଣ, ଲଙ୍କା ପାଇଁ ଜମି ପ୍ରସ୍ତୁତି ସହିତ ପ୍ରାମାଣିକ ମଞ୍ଜି ସଂଗ୍ରହ କରନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଖରିଫ ଧାନ | ବୁଣିବା ପୂର୍ବ ଅବସ୍ଥା | • ଧାନ ବୁଣିବା ବା ତଳି ପକାଇବା ଆଗରୁ ବିହନ ବିଶୋଧନ ନିହାତି ଜରୁରୀ । ବିହନ ବିଶୋଧନ କରିବା ଦ୍ୱାରା ଫସଲକୁ କିଛି ମାତ୍ରାରେ ବିହନ ଓ ମୃତ୍ତିକା ଜନିତ ରୋଗରୁ ରକ୍ଷା ମିଳିଥାଏ ।<br>• ବିହନ ବିଶୋଧନ କରିବା ପାଇଁ ପ୍ରତି ଏକ କିଲୋଗ୍ରାମ ଧାନ ବିହନରେ ୨ ଗ୍ରାମ କରବେଣ୍ଡଡାଜିମ (carbendazim) କିମ୍ଵା ୩ଗ୍ରାମ କାର୍ବୋକ୍ସିନ (carboxin) ଓ ଥିରାମ (Thiram) ର ମିଳିତ ଫିମ୍ପି ନାଶକ, ମିଶାଇ ବିଶୋଧନ କରନ୍ତୁ । |
| ହରଡ | ବୁଣିବା ଅବସ୍ଥା | • ହରଡ ବିହନକୁ ଧାଡିକୁ ଧାଡି ୬୦ସେ.ମି. ଏବଂ ଗଛକୁ ଗଛ୨୦ ସେ.ମି. ଦୂରତାରେ ୩-୫ ସେମି ଗଭୀରରେ ଲଗାନ୍ତୁ ।<br>• ମୂଳ ସାର ହିସାବରେ ଏକର ପ୍ରତି ୫୨କିଲୋଗ୍ରାମ ଡ଼ିଏପି, ୭କିଲୋଗ୍ରାମ ୟୁରିଆ ଏବଂ ୧୪କିଲୋଗ୍ରାମ ପୋଟାସ ସାର ପ୍ରୟୋଗ କରନ୍ତୁ। |
| ଚିନାବାଦାମ | ବୁଣିବା ପୂର୍ବ ଅବସ୍ଥା | • ଚିନାବାଦାମର ଉପଯୁକ୍ତ କିସମ ଯଥା ଦେବୀ ( ଆଇ.ସି.ଜି.ଭି-୯୧୧୧୪), କାଦ୍ରି-୬ (Kadri-6), କାଦ୍ରି-୯ (Kadri-9), ଟି.ଜି-୩୭ଏ (TG-37A), ଟିଏଜି-୫୧ (TAG-51), ଟିଏଜି-୩୮ ( TAG-38), ଟିଏଜି-୨୪ (TAG-24), ସ୍ମୃତି, ସିଓ-୭ (CO-7), ଧରଣୀ (Dharani) ଆଦି ଚୟନ କରନ୍ତୁ ।<br>• ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ କିଲୋଗ୍ରାମ ମଞ୍ଜି ପ୍ରତି ୨୦ଗ୍ରାମ ରାଇଜୋବିୟମ ବୀଜାଣୁ କଲଚର ଉପଚାର କରି ବୁଣନ୍ତୁ। |
| ମିଠା ମକା | ବୁଣିବା ଅବସ୍ଥା | • ବର୍ତମାନ ମିଠା ମକା ବୁଣିବା ପାଇଁ ଉପଯୁକ୍ତ ସମୟ । ମିଠା ମକାର କିଛି ଉନ୍ନତ କିସମ ଗୁଡିକ ହେଲା ମାଧୁରୀ, ପ୍ରିୟା ସୁଇଟ କର୍ନ ।<br>• ସେହିପରି କିଛି ଶଙ୍କର କିସମ ଗୁଡିକ ହେଲା Hy – brix 53 ( ADVSW-2) , Hi - brix 39 ( ADVSW-1 ) , Honey sweeter , Kobala , Nirmal -43 ଇତ୍ୟାଦି ।<br>• ମିଠା ମକା ଚାଷ ପାଇଁ ଏକର ପ୍ରତି ୩-୪ କେଜି ମଞ୍ଜି ଆବଶ୍ୟକ ହୋଇଥାଏ । |
| ରାଶି | ବୁଣିବା ପୂର୍ବ ଅବସ୍ଥା | • ଜୁନ ମଧ ଭାଗରୁ ଜୁଲାଇ ମଧ ଭାଗ ଖରିଫ ରାଶି ବୁଣିବାର ଉପଯୁକ୍ତ ସମୟ । ଆମ ଜଳବାୟୁ ପାଇଁ ଉନ୍ନତ କିସମ ଗୁଡିକ ହେଲା ସ୍ମାରକ, ଶୁଭ୍ରା, ପ୍ରାଚୀ, ନିର୍ମଳା, କଳିଙ୍ଗ ରାଶି ୩-୧ ଇତ୍ୟାଦି ।<br>• ଖରିଫ ଚାଷ ପାଇଁ ଏକର ପ୍ରତି ୩-୪ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ ।<br>• ପ୍ରତି କିଲୋଗ୍ରାମ ବିହନରେ ୨ଗ୍ରାମ କାରବେଣ୍ଡଡାଜିମ (carbendazim) ମିଶାଇ ବିଶୋଧନ କରନ୍ତୁ ।<br>• ମାଟିକୁ ଗୁଣ୍ଡ ଚାଷ କରି ସମାନ ପରିମାଣର ଗୁଣ୍ଡ ମାଟି ବା ବାଲି ମିଶାଇ ଧାଡିକୁ ଧାଡି ୩୦ ସେମି ବ୍ୟବଧାନରେ ୧ ସେମି ଗଭୀରରେ ବିହନ ବୁଣନ୍ତୁ । |
| ସୂର୍ଯମୁଖୀ | ବୁଣିବାପୂର୍ବ ଅବସ୍ଥା | • ସୂର୍ଯମୁଖୀ ଉନ୍ନତ କିସମ ପାଇଁ ଏକର ପ୍ରତି ୪ କିଲୋଗ୍ରାମ ବିହନ ଓ ଶଙ୍କର ଜାତୀୟ କିସମ ପାଇଁ ଏକର ପ୍ରତି ୨ କିଲୋ ବିହନ ଆବଶ୍ୟକ ହୋଇଥାଏ ।<br>• ମଞ୍ଜି ବୁଣିବାର ୭ଦିନ ପୂର୍ବରୁ ପ୍ରତି କିଲୋଗ୍ରାମ ମଞ୍ଜିକୁ ୨ ଗ୍ରାମ କାରବେଣ୍ଡଡାଜିମ (carbendazim) କିମ୍ଵା ୩ଗ୍ରାମ କାର୍ବୋକ୍ସିନ (carboxin) ଓ ଥିରାମ (Thiram) ର ମିଳିତ ଫିମ୍ପି ନାଶକ, ମିଶାଇ ବିଶୋଧନ କରନ୍ତୁ ।<br>• ବୁଣିବାର ୧ ରୁ ୨ ଘଣ୍ଟା ପୂର୍ବରୁ ପ୍ରତି କିଲୋଗ୍ରାମ ମଞ୍ଜିକୁ ୪-୫ ଗ୍ରାମ Trichoderma viridaeର କବକ କଲଚର ସହ ଗୋଳାଇ ବିହନ ବିଶୋଧନ କରନ୍ତୁ । |
| ଗାଈଗୋରୁ | • ବର୍ଷା ଓ ଘଡଘଡି ସମୟରେ ଗାଈଗୋରୁଙ୍କୁ ଗୁହାଳ ମଧରେ ସୁରକ୍ଷିତ ରଖନ୍ତୁ । ଶୁଖିଲା ଘାସ ଓ ସଫା ପାନୀୟ ଜଳ ପିଇବାକୁ ଦିଅନ୍ତୁ ।<br>• ଗୋଖାଦ୍ୟ କିପରି ବର୍ଷା ଜଳରେ ନଷ୍ଟ ନହେବା ସେଥି ପ୍ରତି ଦୃଷ୍ଟି ଦିଅନ୍ତୁ ।<br>• ବର୍ତମାନ ଗାଈଗୋରୁ ମାନଙ୍କୁ ଟୀକାକରଣ କରନ୍ତୁ । | |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ଵୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଅଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)